ହିମାଚଳ ପ୍ରଦେଶ ରାଜ୍ୟ  ଏବଂ ଅନ୍ୟମାନେ

ବନାମ

ସୁରିନ୍ଦର କୁମାର ମୋହିନ୍ଦ୍ରା ଏବଂ ଅନ୍ୟମାନେ

7, ନଭେମ୍ବର, 1996

[କେ. ରାମାସ୍ୱାମୀ ଏବଂ ଜି. ବି. ପଟ୍ଟନାୟକ, ନ୍ୟାୟମୂର୍ତ୍ତିଦ୍ୱୟ]

*ସେବା ଆଇନ :*

*ପଦୋନ୍ନତି-ଯୁଗ୍ମ ନିର୍ଦ୍ଦେଶକ ପଦବୀକୁ -ପଦୋନ୍ନତି ପାଇଁ ଗ୍ରହଣ କରାଯାଇଥିବା ନୀତି-ବରିଷ୍ଠତାକୁ ଦୃଷ୍ଟିରେ ରଖି ଯୋଗ୍ୟତା-ଏବଂ ପ୍ରାରମ୍ଭିକ ପାହ୍ୟାରେ ଆବଶ୍ୟକୀୟ ଅବଧି ସେବା ସମାପ୍ତ କରିବା-ଗୋଟିଏ ବର୍ଷ ମଧ୍ୟରେ ଆଶା କରାଯାଉଥିବା ଖାଲି ପଦବୀ ସଂଖ୍ୟାର ପାଞ୍ଚ ଗୁଣ ମଧ୍ୟରେ ବିଚାର ପରିସର ସୀମିତ ଥିଲା-ଉକ୍ତ ପଦବୀକୁ ପଦୋନ୍ନତିର ପ୍ରଶ୍ନ ତିନୋଟି ଭିନ୍ନ ଭିନ୍ନ ଅବସରରେ ବିଚାର କରାଯାଇଥିଲା-ପ୍ରଥମ ଥର କର୍ମଚାରୀ ବିଚାର ପରିସର ମଧ୍ୟରେ ଆସି ନଥିଲେ-ଦ୍ୱିତୀୟ ଥର ବିଚାର ପରିସର ମଧ୍ୟରେ ଆସିଥିଲେ କିନ୍ତୁ ପ୍ରାରମ୍ଭିକ ପାହ୍ୟାରେ ନିର୍ଦ୍ଧାରିତ ଅବଧିର ସେବା ସମ୍ପୂର୍ଣ୍ଣ କରିନଥିଲେ-ତୃତୀୟ ଥର ବେଳକୁ ସେ ଅବସର ଗ୍ରହଣ କରି ସାରିଥିଲେ-ନିର୍ଣ୍ଣିତ: ଏଭଳି ପରିସ୍ଥିତିରେ, ଯୁଗ୍ମ ନିର୍ଦ୍ଦେଶକ ପଦବୀକୁ କର୍ମଚାରୀଙ୍କ ପଦୋନ୍ନତି ନକରିବା ଅନୁଚ୍ଛେଦ 16ର ଉଲ୍ଲଙ୍ଘନ କରିନଥିଲା-ଭାରତୀୟ ସମ୍ବିଧାନ, 1950, ଅନୁଚ୍ଛେଦ 16 ।*

**ଉତ୍ତରଦାତା କୃଷି ନିରୀକ୍ଷକ ଭାବେ ନିଯୁକ୍ତ ହୋଇଥିଲେ ଏବଂ ତାଙ୍କୁ ପ୍ରଥମ ଶ୍ରେଣୀ ପଦବୀକୁ ପଦୋନ୍ନତି ଦିଆଯାଇଥିଲା । ବିଭାଗୀୟ ପଦୋନ୍ନତି କମିଟି (ଡିପିସି) ଯୁଗ୍ମ ନିର୍ଦ୍ଦେଶକ (କୃଷି) ପଦବୀକୁ ପଦୋନ୍ନତି ପାଇଁ ମାମଲା ଉପରେ ବିଚାର କରିଥିଲେ କିନ୍ତୁ ଉତ୍ତରଦାତାଙ୍କ ମାମଲା ବିଚାର କରାଯାଇ ନଥିଲା କାରଣ ନିୟମ ଅନୁଯାୟୀ ଏବଂ ତାଙ୍କ ବରିଷ୍ଠତା ଆଧାରରେ ସେ ବିଚାର କ୍ଷେତ୍ର ମଧ୍ୟରେ ଆସିନଥିଲେ । ଡିପିସିର ଉପରୋକ୍ତ ନିର୍ଣ୍ଣୟକୁ ଆପତ୍ତି କରି ପ୍ରତିବାଦୀ ରାଜ୍ୟ ପ୍ରଶାସନିକ ନ୍ୟାୟାଧିକରଣରେ ଏକ ଆବେଦନ ଦାଖଲ କରିଥିଲେ । ନ୍ୟାୟାଧିକରଣ ଆବେଦନକାରୀଙ୍କୁ ପିଛିଲା ପ୍ରଭାବ ସହିତ ଉତ୍ତରଦାତାଙ୍କ ପଦୋନ୍ନତି ମାମଲାର ପୁନର୍ବିଚାର କରିବାକୁ ନିର୍ଦ୍ଦେଶ ଦେଇଥିଲେ । ବ୍ୟଥିତ ହୋଇ ଆବେଦନକାରୀ ବର୍ତ୍ତମାନର ଆବେଦନକୁ ଦାଖଲ କରିଥିଲେ ।**

**ଆବେଦନକୁ ଅନୁମତି ପ୍ରଦାନ କରି, ଏହି ନ୍ୟାୟାଳୟ**

**ନିର୍ଣ୍ଣୟ ନେଇଥିଲେ ଯେ: 1.1.ଯୁଗ୍ମ ନିର୍ଦ୍ଦେଶକ ପଦବୀକୁ ପଦୋନ୍ନତି ବିଷୟରେ ତିନୋଟି ଭିନ୍ନ ଭିନ୍ନ ଅବସରରେ ବିଚାର କରାଯାଇଥିଲା । ପଦୋନ୍ନତି ପାଇଁ ବରିଷ୍ଠତାକୁ ଦୃଷ୍ଟିରେ ରଖି ଯୋଗ୍ୟତା ଆଧାରରେ ଏବଂ ପ୍ରାରମ୍ଭିକ ପାହ୍ୟାରେ ନିର୍ଦ୍ଧାରିତ ଅବଧି ସେବା ସମାପ୍ତ କରିବା ମାନଦଣ୍ଡ ଥିଲା । ବିଚାର ପରିସର ଗୋଟିଏ ବର୍ଷ ମଧ୍ୟରେ ଆଶା କରାଯାଉଥିବା ପଦବୀ ସଂଖ୍ୟାର ପାଞ୍ଚ ଗୁଣ ମଧ୍ୟରେ ସୀମିତ ଥିଲା ।**

**1.2. ପ୍ରଥମ ପର୍ଯ୍ୟାୟରେ, ଉତ୍ତରଦାତା ବିଚାର ପରିସର ମଧ୍ୟରେ ଆସିନଥିଲେ ଏବଂ ତେଣୁ ପଦୋନ୍ନତି ପାଇଁ ବିଚାର କରାଯାଇ ନଥିଲେ । ଦ୍ୱିତୀୟ ଥର ପ୍ରତିବାଦୀ ବିଚାର କ୍ଷେତ୍ର ମଧ୍ୟରେ ଆସିଥିଲେ ଏବଂ ତାଙ୍କ ମାମଲା ବିଭାଗୀୟ ପଦୋନ୍ନତି କମିଟି ଦ୍ୱାରା ବିଚାର କରାଯାଇଥିଲା କିନ୍ତୁ ଉତ୍ତରଦାତା ପ୍ରାରମ୍ଭିକ ପାହ୍ୟାରେ ନିର୍ଦ୍ଧାରିତ ଅବଧି ସେବା ପ୍ରଦାନ କରିନଥିବାରୁ ତାଙ୍କୁ ପଦୋନ୍ନତି ଦିଆଯାଇ ନଥିଲା । ତୃତୀୟ ଥର ଉତ୍ତରଦାତା ଆଉ ଉପଲବ୍ଧ ନଥିଲେ କାରଣ ସେ ପୂର୍ବରୁ ଅବସର ଗ୍ରହଣ କରିସାରିଥିଲେ । ଏଭଳି ପରିସ୍ଥିତିରେ, ଯୁଗ୍ମ ନିର୍ଦ୍ଦେଶକ ପଦବୀକୁ ଉତ୍ତରଦାତାଙ୍କ ପଦୋନ୍ନତି ନ ହେବା ସମ୍ବିଧାନର ଅନୁଚ୍ଛେଦ 16 ଅନୁଯାୟୀ ପ୍ରଦାନ କରାଯାଇଥିବା ସାମ୍ବିଧାନିକ ଅଧିକାରକୁ ଉଲ୍ଲଂଘନ କରିନଥିଲା ।**

ଦେୱାନୀ ଆବେଦନ ଅଧିକାରିତା :ଦେୱାନୀ ଆବେଦନ ସଂଖ୍ୟା 14222/1996 ।

ଟି. ଏ. ସଂଖ୍ୟା 333/1986 ରେ ହିମାଚଳ ପ୍ରଦେଶ ପ୍ରଶାସନିକ ନ୍ୟାୟାଧିକରଣ, ସିମଲାଙ୍କର 6.8.93 ର ରାୟ ଏବଂ ଆଦେଶରୁ ।

ଆବେଦନକାରୀଙ୍କ ପାଇଁ ଜେ. ଏସ. ଅତ୍ରି ।

ଉତ୍ତରଦାତାମାନଙ୍କ ପାଇଁ ହିମିନ୍ଦର ଲାଲ ।

ନ୍ୟାୟାଳୟଙ୍କର ରାୟ ନିମ୍ନମତେ ପ୍ରଦାନ କରାଯାଇଥିଲା:

**ନ୍ୟାୟାଧୀଶ ପଟ୍ଟନାୟକ** ବିଶେଷ ଅନୁମତି ଦ୍ୱାରା ଦାଖଲ ଏହି ଆବେଦନ ହିମାଚଳ ପ୍ରଦେଶ ପ୍ରଶାସନିକ ନ୍ୟାୟାଧିକରଣଙ୍କର ରାୟ ବିରୁଦ୍ଧରେ ନିର୍ଦ୍ଦେଶିତ । ଆକ୍ଷେପିତ ରାୟ ଦ୍ୱାରା ନ୍ୟାୟାଧିକରଣ 15.6.1979 ରେ ଥିବା ସ୍ଥିତି ଅନୁଯାୟୀ ରାଜ୍ୟକୁ, ଅନ୍ୟମାନଙ୍କ ସହିତ ଉତ୍ତରଦାତା ସଂଖ୍ୟା 1ଙ୍କୁ ଯୁଗ୍ମ ନିର୍ଦ୍ଦେଶକ ପଦବୀକୁ ପଦୋନ୍ନତି ପାଇଁ ବିଚାର କରିବାକୁ କହିଥିଲେ ଏବଂ ଯଦି

ଉପଯୁକ୍ତ ମାନେହୁଏ ତେବେ ପୂର୍ବରୁ ପଦୋନ୍ନତି ପାଇଥିବା ବ୍ୟକ୍ତିମାନଙ୍କୁ ପ୍ରତ୍ୟାବର୍ତ୍ତନ ନକରି ସମସ୍ତ ଆନୁସଙ୍ଗିକ ଲାଭ ସହିତ ଅତିରିକ୍ତ ପଦବୀ ସୃଷ୍ଟି କରି ତାଙ୍କୁ ଧାରଣାଗତ ପଦୋନ୍ନତି ଦେବେ ।

ସ୍ୱୀକାରଯୋଗ୍ୟ, ଉତ୍ତରଦାତା ସଂଖ୍ୟା 1, କୃଷି ନିରିକ୍ଷକ ଭାବରେ 19.5.1949 ରେ ନିଯୁକ୍ତ ହୋଇଥିଲେ ଏବଂ ତାଙ୍କୁ 13.9.1957 ରେ ପରବୀକ୍ଷାରେ ଦ୍ୱିତୀୟ ଶ୍ରେଣୀରେ ଏକ ପଦବୀକୁ ପଦୋନ୍ନତି ଦିଆଯାଇଥିଲା । ଉକ୍ତ ପଦବୀରେ ତାଙ୍କୁ 15.6.1966 ରେ ନିଶ୍ଚିତ କରାଯାଇଥିଲା ଏବଂ 22.1.1976 ରେ ପ୍ରଥମ ଶ୍ରେଣୀ ପଦବୀକୁ ପଦୋନ୍ନତି କରାଯାଇଥିଲା । ସେ ଏକ ନିବେଦନ ଦାଖଲ କରିଥିଲେ ଏବଂ ଦାବି କରିଥିଲେ ଯେ ତାଙ୍କ ବରିଷ୍ଠତା, ତାଙ୍କ ନିଯୁକ୍ତିର କ୍ରମାଗତ ତାରିଖ ଠାରୁ ତାଙ୍କ ସେବାର ଅବଧିକୁ ଗ୍ରହଣ କରିଥାଏ ଏବଂ 30.11.1973 ରେ ନିବେଦନକୁ ଅନୁମତି ଦିଆଯାଇଥିବା ହେତୁ ତାଙ୍କ ବରିଷ୍ଠତା ପୁନର୍ବାର ସ୍ଥିର କରାଯାଇଥିଲା । ତାଙ୍କର ବରିଷ୍ଠତାର ପୁନଃନିର୍ଦ୍ଧାରଣର ଫଳସ୍ୱରୂପ 4.9.76 ର ଆଦେଶ ଦ୍ୱାରା ତାଙ୍କୁ ସମସ୍ତ ଫଳସ୍ୱରୂପ ସୁବିଧା ସହିତ 13.9.57 ରୁ ଦ୍ୱିତୀୟ ଶ୍ରେଣୀକୁ ଆନୁମାନିକ ପଦୋନ୍ନତି ପ୍ରଦାନ କରାଯାଇଥିଲା । ବିଭାଗୀୟ ପଦୋନ୍ନତି କମିଟି ଏହାର 21.4.79 ତାରିଖ ରିପୋର୍ଟ ଦ୍ୱାରା ଉତ୍ତରଦାତା ସଂଖ୍ୟା 1ଙ୍କୁ ଶ୍ରୀ ଏସ୍. ଏସ୍. ସାଇନିଙ୍କ ତଳେ ଏବଂ ଶ୍ରୀ ଭି. ପି. ସୋବତୀଙ୍କ ଉପରେ ତାଙ୍କର ବରିଷ୍ଠତା ଆଧାରରେ 17.12.1973 ରୁ ପିଛିଲା ପ୍ରଭାବ ସହିତ ପ୍ରଥମ ଶ୍ରେଣୀକୁ ପଦୋନ୍ନତି ପାଇଁ ମନୋନୀତ କରିଥିଲେ । ଯୁଗ୍ମ ନିର୍ଦ୍ଦେଶକ (କୃଷି) ପଦବୀକୁ ପଦୋନ୍ନତି ମାମଲା ଉପରେ ବିଚାର କରିବାକୁ ବିଭାଗୀୟ ପଦୋନ୍ନତି କମିଟି 15.6.79 ରେ ବୈଠକ କରିଥିଲେ କିନ୍ତୁ ଉତ୍ତରଦାତା ସଂଖ୍ୟା 1ଙ୍କର ମାମଲା ବିଚାର କରାଯାଇ ନଥିଲା କାରଣ ନିୟମ ଅନୁଯାୟୀ  ଏବଂ ତାଙ୍କ ବରିଷ୍ଠତା ଆଧାରରେ ସେ ବିଚାର କ୍ଷେତ୍ର ମଧ୍ୟରେ ଆସିନଥିଲେ । ଉକ୍ତ କାର୍ଯ୍ୟାନୁଷ୍ଠାନକୁ ଆପତ୍ତି କରି ଉତ୍ତରଦାତା ସଂଖ୍ୟା 1 ଶ୍ରୀ ଏସ୍. ଏସ୍. ସାଇନିଙ୍କ ଠାରୁ ବରିଷ୍ଠତା ଦାବି କରି ଉଚ୍ଚ ନ୍ୟାୟାଳୟରେ ଏକ ଆଜ୍ଞାଦେଶ ଆବେଦନ ଦାଖଲ କରିଥିଲେ । ଉପରୋକ୍ତ ଆଜ୍ଞାଦେଶ ଆବେଦନ ଦାଖଲ କରାଯିବା ପୂର୍ବରୁ ରାଜ୍ୟ ସରକାର ରାଜ୍ୟ ଲୋକସେବା ଆୟୋଗଙ୍କ ସହ ଉପଯୁକ୍ତ ପରାମର୍ଶ ପରେ 29.1.1980 ତାରିଖର ଆଦେଶ ଦ୍ୱାରା ଉତ୍ତରଦାତା ସଂଖ୍ୟା 1ଙ୍କୁ ଶ୍ରୀ ଚରଣଜିତ ସିଂହଙ୍କ ତଳେ ଏବଂ ଡକ୍ଟର ଏଲ. ଡି. ଶର୍ମାଙ୍କ ଉପରେ ତାଙ୍କର ବାରିଷ୍ଠତା ସ୍ଥିର କରିଥିଲେ । ଶ୍ରୀ ଭି. ପି. ସୋବତୀ, ଯିଏକି 1962 ମସିହାରେ ସିଧାସଳଖ ପ୍ରଥମ ଶ୍ରେଣୀକୁ ନିଯୁକ୍ତି ହୋଇଥିଲେ ତାଙ୍କୁ ଉତ୍ତରଦାତା ସଂଖ୍ୟା  1ଙ୍କ ଠାରୁ କନିଷ୍ଠ ବୋଲି ବିଚାର କରାଯାଇପାରିବ ନାହିଁ, ଏପରିକି ଉତ୍ତରଦାତା ସଂଖ୍ୟା 1ଙ୍କ ପୁନଃ-ବିଚାରିତ ବରିଷ୍ଠତା ଆଧାରରେ ମଧ୍ୟ ଏହା କରାଯାଇପାରିବ ନାହିଁ । ରାଜ୍ୟ ସରକାରଙ୍କ ଏହି ନିର୍ଣ୍ଣୟ ବିରୁଦ୍ଧରେ ଉତ୍ତରଦାତା ସଂଖ୍ୟା 1 ରାଜ୍ୟ ସରକାରଙ୍କୁ ଏକ ପ୍ରତିନିଧିତ୍ୱ ଦାଖଲ କରିଥିଲେ ।

ସରକାର ଏହାର ପୂର୍ବ ଆଦେଶକୁ 24.9.80 ତାରିଖର ଆଦେଶ ଦ୍ୱାରା ସଂଶୋଧିତ କରିଥିଲେ, ଯେଉଁଥିରେ ଉତ୍ତରଦାତା ସଂଖ୍ୟା 1ଙ୍କୁ ଶ୍ରୀ ଆଇ. ଏସ୍. କିଙ୍ଗ୍ରାଙ୍କ ତଳେ ଏବଂ ଡ. ଚରଣଜିତ ସିଂହଙ୍କ ଉପରେ ସ୍ଥାନିତ କରାଯାଇଥିଲା । ତଦନୁସାରେ ଉତ୍ତରଦାତା ସଂଖ୍ୟା 1 ପୂର୍ବରୁ ଦାଖଲ ହୋଇଥିବା ଆଜ୍ଞାଦେଶ ଆବେଦନକୁ ସଂଶୋଧନ କରିଥିଲେ । ରାଜ୍ୟ ସରକାର ଏହାର ଜବାବି ସତ୍ୟପାଠ ଦାଖଲ କରି ଏଥିରେ ଉଲ୍ଲେଖ କରିଛନ୍ତି ଯେ ଉତ୍ତରଦାତା ସଂଖ୍ୟା 1ଙ୍କ ପୁନଃନିର୍ଧାରିତ ବରିଷ୍ଠତାକୁ ଦୃଷ୍ଟିରେ ରଖି ତାଙ୍କ କନିଷ୍ଠମାନଙ୍କୁ ପଦୋନ୍ନତି ଦିଆଯାଇଥିବା ତାରିଖରୁ ତାଙ୍କ ପଦୋନ୍ନତିର ପୁନଃବିଚାର ପାଇଁ ନିର୍ଦ୍ଦେଶ ଦିଆଯାଇଛି ଏବଂ ଉକ୍ତ ନିର୍ଦ୍ଦେଶ ଅନୁଯାୟୀ ଉତ୍ତରଦାତା ସଂଖ୍ୟା 1ଙ୍କୁ 13.9.57 ରୁ ଦ୍ୱିତୀୟ ଶ୍ରେଣୀ ଏବଂ 17.12.1973 ରୁ ପ୍ରଥମ ଶ୍ରେଣୀ କୁ ପିଛିଲା ପ୍ରଭାବୀ ଭାବରେ ପଦୋନ୍ନତି ଦିଆଯାଇଥିଲା । ଯୁଗ୍ମ କୃଷି ନିର୍ଦ୍ଦେଶକଙ୍କ ବ୍ୟତୀତ ଅନ୍ୟ ଶ୍ରେଣୀର ଅଧିକାରୀଙ୍କ ପଦକ୍ରମ ତାଲିକା 6.12.1980 ରେ ଚୂଡ଼ାନ୍ତ କରାଯାଇଥିଲା ଯେଉଁଥିରେ ଉତ୍ତରଦାତା ସଂଖ୍ୟା 1ଙ୍କୁ ଡକ୍ଟର ଚରଣଜିତ ସିଂହଙ୍କ ଉପରେ ଏବଂ ଶ୍ରୀ ଆଇ. ଏସ୍. କିଙ୍ଗ୍ରାଙ୍କ ତଳେ ଦର୍ଶାଯାଇଛି । ଆଜ୍ଞାଦେଶ ଆବେଦନ ବିଚାରଧିନ ଥିବା ସମୟରେ ନ୍ୟାୟାଧିକାରଣ ଗଠନ କରାଯାଇଥିବାରୁ, ମମାଲାକୁ ହିମାଚଳ ପ୍ରଦେଶ ରାଜ୍ୟ ପ୍ରଶାସନିକ ନ୍ୟାୟାଧିକାରଣଙ୍କ ନିକଟକୁ ସ୍ଥାନାନ୍ତରିତ କରାଯାଇଥିଲା । ରାଜ୍ୟ ନ୍ୟାୟାଧିକରଣ 6.8.93 ତାରିଖର ଆକ୍ଷେପିତ ରାୟ ଦ୍ୱାରା ଆବେଦନକାରୀଙ୍କୁ ଉତ୍ତରଦାତା ସଂଖ୍ୟା 1 ଙ୍କର ପଦୋନ୍ନତି ମାମଲାର ପିଛିଲା ପ୍ରଭାବ ସହିତ ପୁନର୍ବିଚାର କରିବାକୁ ନିର୍ଦ୍ଦେଶ ଦେଇଥିବାରୁ ବର୍ତ୍ତମାନର ଆବେଦନ ଦାଖଲ କରାଯାଇଛି ।

ଏହି ଆବେଦନରେ ଆବେଦନକାରୀଙ୍କ ଆଭିମୁଖ୍ୟ ହେଉଛି ଯେ ପ୍ରଚଳିତ ନିୟମ ଅନୁଯାୟୀ ଏବଂ ଉତ୍ତରଦାତା ସଂଖ୍ୟା 1ଙ୍କ ସଂଶୋଧିତ ବରିଷ୍ଠତାକୁ ବିଚାରକୁ ନେଇ ତାଙ୍କର ପଦୋନ୍ନତି ପାଇଁ ତାଙ୍କ ମାମଲା ଉପଯୁକ୍ତ ସମୟରେ ବିଚାର କରାଯାଇଛି ଏବଂ ଏହିପରି ଆକ୍ଷେପିତ ନିର୍ଦ୍ଦେଶ ଆଇନଗତ ଭାବରେ ସ୍ଥାୟୀ ନୁହେଁ । ଏହି ଆବେଦନରେ ଉତ୍ତରଦାତା ସଂଖ୍ୟା 1 ଏକାକୀ ଯୁକ୍ତି ଉପସ୍ଥାପନ କରିଥିଲେ ଏବଂ ଜବାବି ସତ୍ୟପାଠରେ ଏହା ଅନୁରୋଧ କରାଯାଇଛି ଯେ ରାଜ୍ୟ ସରକାରଙ୍କ ଦ୍ୱାରା ଉତ୍ତରଦାତା ପ୍ରତି ଘୋର ଅନ୍ୟାୟ କରାଯାଇଛି, ଯେହେତୁ ପଦୋନ୍ନତି ପାଇଁ ତାଙ୍କ ମାମଲା ଉପଯୁକ୍ତ ସମୟରେ ବିଚାର କରାଯାଇ ନାହିଁ ଏବଂ ତାଙ୍କୁ ତାଙ୍କର ଉପଯୁକ୍ତ ବରିଷ୍ଠତା ଦିଆଯାଇ ନାହିଁ । ଏହା ମଧ୍ୟ କୁହାଯାଇଛି ଯେ ନ୍ୟାୟାଧିକରଣ ଉତ୍ତରଦାତା ସଂଖ୍ୟା 1ଙ୍କ ପଦୋନ୍ନତି ମାମଲା ଉପରେ ପୁନର୍ବିଚାର କରିବାକୁ ରାଜ୍ୟକୁ ନିର୍ଦ୍ଦେଶ ଦେଇ ନ୍ୟାୟ କରିଛନ୍ତି । ସମ୍ବିଧାନର ଅନୁଚ୍ଛେଦ 136 ଅନୁଯାୟୀ କ୍ଷମତା ପ୍ରୟୋଗ କରି ଉକ୍ତ ନିର୍ଦ୍ଦେଶରେ ହସ୍ତକ୍ଷେପ କରିବା ଏହି ନ୍ୟାୟାଳୟ ପାଇଁ ଉଚିତ ହେବ ନାହିଁ । ଜବାବି ସତ୍ୟପାଠରେ ଏହା ମଧ୍ୟ ଦର୍ଶାଯାଇଛି ଯେ

ଉତ୍ତରଦାତା ସଂଖ୍ୟା 1, 19.5.1949 ରେ କ୍ୟାଡରରେ ବିଧିବଦ୍ଧ ଭାବରେ ନିଯୁକ୍ତ ହୋଇଥିଲେ ଏବଂ ଅନ୍ୟ ଉତ୍ତରଦାତାମାନେ ଯଦିଓ 1949 ରେ କ୍ୟାଡର ବାହାରେ ପଦବୀ ପାଇଁ ଭିନ୍ନ ଭିନ୍ନ ତାରିଖରେ ନିଯୁକ୍ତ ହୋଇଥିଲେ କିନ୍ତୁ କେବଳ 1950 ରେ ନିୟମିତ ହୋଇଥିଲେ । ସେମାନେ ସମସ୍ତେ ଉତ୍ତରଦାତା ସଂଖ୍ୟା 1 ଙ୍କ ଠାରୁ କନିଷ୍ଠ ବିବେଚିତ ହେବା ଉଚିତ୍ ଥିଲା କିନ୍ତୁ ଦୁର୍ଭାଗ୍ୟବଶତଃ ରାଜ୍ୟ ସରକାର ସେମାନଙ୍କୁ ଉତ୍ତରଦାତା ସଂଖ୍ୟା 1ଙ୍କ ଠାରୁ ବରିଷ୍ଠ ଭାବରେ ବିବେଚନା କରିଥିଲେ ଯାହା ଶେଷରେ ତାଙ୍କ କ୍ୟାରିୟରରେ ଘୋର ଅନ୍ୟାୟ ସୃଷ୍ଟି କରିଥିଲା ଏବଂ ଯେତେବେଳେ ଏହି ସମୟ ଉପନୀତ ହୋଇଥିଲା ସେତେବେଳେ ତାଙ୍କୁ ପଦୋନ୍ନତି ସୁଯୋଗରୁ ବଞ୍ଚିତ କରାଯାଇଥିଲା । ମାମଲାର ଏହି ବିଷୟକୁ ଦୃଷ୍ଟିରେ ରଖି ନ୍ୟାୟାଧିକରଣ ପଦୋନ୍ନତି ପ୍ରସଙ୍ଗରେ ପୁନର୍ବିଚାର ପାଇଁ ଦେଇଥିବା ନିର୍ଦ୍ଦେଶ ଯଥାର୍ଥ ଥିଲା ।

ପକ୍ଷଗୁଡ଼ିକର ପ୍ରତିଦ୍ୱନ୍ଦ୍ୱୀ ଆଭିମୁଖ୍ୟକୁ ଦୃଷ୍ଟିରେ ରଖି ଏକମାତ୍ର ପ୍ରଶ୍ନ ଯାହା ବିଚାର ପାଇଁ ଉଠିଥାଏ ତାହା ହେଉଛି ବଳବତ୍ତର ଥିବା ପ୍ରାସଙ୍ଗିକ ନିୟମ ଅନୁଯାୟୀ ଉତ୍ତରଦାତା ସଂଖ୍ୟା 1 ଙ୍କୁ ସକ୍ଷମ କର୍ତ୍ତୃପକ୍ଷଙ୍କ ଦ୍ୱାରା ବିଚାର କରାଯାଇଛି କିମ୍ବା ଉତ୍ତରଦାତା ସଂଖ୍ୟା 1ଙ୍କ ଉକ୍ତ ଅଧିକାରର କୌଣସି ଉଲ୍ଲଂଘନ ହୋଇଛି କି । ଏହା ସ୍ଥିରୀକୃତ ସ୍ଥିତି ଯେ ସମ୍ବିଧାନର ଯୋଜନା ଅନୁଯାୟୀ ଜଣେ କର୍ମଚାରୀଙ୍କ ନିକଟରେ ତାଙ୍କର ବିଚାର କରାଯିବାର ଅଧିକାର ଅଛି ଏବଂ ପଦୋନ୍ନତିର ଅଧିକାର ନାହିଁ ଯେ ପର୍ଯ୍ୟନ୍ତ ପଦୋନ୍ନତିର ନିୟମ ସୂଚିତ କରେ ଯେ ପଦୋନ୍ନତି କେବଳ ବରିଷ୍ଠତା ଆଧାରରେ ହିଁ ପ୍ରଦାନ କରାଯିବ । 2.9.96 ରେ ଏହି ମାମଲାର ଶୁଣାଣି ସମୟରେ ଏହି ନ୍ୟାୟାଳୟ ଆବେଦନକାରୀଙ୍କୁ ଜଣେ ଉପଯୁକ୍ତ ଅଧିକାରୀଙ୍କୁ ବିଧିବଦ୍ଧ ଭାବରେ ସତ୍ୟପାଠ ଦାଖଲ କରିବାକୁ କହିଥିଲେ ଯେଉଁଥିରେ ଉତ୍ତରଦାତା ସଂଖ୍ୟା 1 ଯୁଗ୍ମ ନିର୍ଦ୍ଦେଶକ ପଦବୀକୁ ପଦୋନ୍ନତି ପାଇଁ ଦାବି କରିବା ତାରିଖ ସୂଚିତ କରାଯାଇଥିବ ଏବଂ ପଦୋନ୍ନତି ବିଚାର ପାଇଁ ନିର୍ଦ୍ଧାରିତ ମାନଦଣ୍ଡ ତଥା ପଦୋନ୍ନତି କ୍ୟାଡରରେ ଉପଲବ୍ଧ ପଦବୀ ସଂଖ୍ୟା ଏବଂ ପଦୋନ୍ନତି ମାମଲା ବିଚାର ପାଇଁ ବିଭାଗୀୟ ପଦୋନ୍ନତି କମିଟି ଦ୍ୱାରା ଗ୍ରହଣ କରାଯାଇଥିବା ନୀତି ଗୁଡିକ ଦର୍ଶାଯାଇଥିବ । ନ୍ୟାୟାଳୟ ମଧ୍ୟ ଆବେଦନକାରୀଙ୍କୁ ପ୍ରାସଙ୍ଗିକ ନଥି ଉପସ୍ଥାପନ କରିବାକୁ କହିଥିଲେ । ଉପରୋକ୍ତ ନିର୍ଦ୍ଦେଶ ଅନୁଯାୟୀ ଏକ ସତ୍ୟପାଠ ଦାଖଲ କରାଯାଇଛି ଏବଂ ବିଭାଗୀୟ ପଦୋନ୍ନତି କମିଟିର ପ୍ରାସଙ୍ଗିକ ନଥି ମଧ୍ୟ ଉପସ୍ଥାପନ କରାଯାଇଛି । ବିଭାଗୀୟ ପଦୋନ୍ନତି କମିଟିର କାର୍ଯ୍ୟାନୁଷ୍ଠାନ ତଥା ନଥିରେ ଥିବା ଅନ୍ୟାନ୍ୟ ସାମଗ୍ରୀ/ଦସ୍ତାବିଜରୁ ଏହା ପ୍ରତୀୟମାନ ଯେ ଯୁଗ୍ମ ନିର୍ଦ୍ଦେଶକ ପଦବୀକୁ ପଦୋନ୍ନତିର ପ୍ରଶ୍ନ ତିନୋଟି ଅବସରରେ ବିଚାର କରାଯାଇଥିଲା, ଯଥା, 12.8.77, 15.6.79 ଏବଂ 26.8.81 । ପଦୋନ୍ନତିର ମାନଦଣ୍ଡ ବରିଷ୍ଠତାକୁ ଦୃଷ୍ଟିରେ ରଖି ଯୋଗ୍ୟତାକୁ ନିଆଯାଇଥିଲା ।

ବିଭାଗୀୟ ପଦୋନ୍ନତି କମିଟି ଏକ ଚୟନ ତାଲିକା ପ୍ରସ୍ତୁତ କରିବା ଆବଶ୍ୟକ ଥିଲା ଏବଂ ବିଚାର କରିବାକୁ ଥିବା ବ୍ୟକ୍ତିଙ୍କ ସଂଖ୍ୟା ଏକ ବର୍ଷ ମଧ୍ୟରେ ଆଶା କରାଯାଉଥିବା ପଦବୀ ସଂଖ୍ୟାର ପାଞ୍ଚ ଗୁଣ ହେବା ଉଚିତ୍ । ପଦୋନ୍ନତି ପାଇଁ ଅଯୋଗ୍ୟ ବ୍ୟକ୍ତିବିଶେଷଙ୍କ ବିଲୋପ ପରେ ବଳକା ବ୍ୟକ୍ତି ବିଶେଷଙ୍କୁ "ଉତ୍କୃଷ୍ଟ", "ବହୁତ ଭଲ" ଏବଂ "ଭଲ" ଭାବରେ ବର୍ଗୀକୃତ କରାଯିବା ଉଚିତ ଏବଂ ଏହିପରି ବର୍ଗୀକରଣର ଆଧାର 3 ରୁ 5 ବର୍ଷ ପାଇଁ କର୍ମଚାରୀଙ୍କ ବାର୍ଷିକ ଗୋପନୀୟ ରିପୋର୍ଟ ଉପରେ ରହିବ । 12.8.77 ରେ ଅନୁଷ୍ଠିତ ବୈଠକ ଏବଂ ସମ୍ପୃକ୍ତ ବରିଷ୍ଠତା ତଥା ପ୍ରାରମ୍ଭିକ ପାହ୍ୟାରେ 3 ବର୍ଷର ନିୟମିତ ସେବାର ମାନଦଣ୍ଡ ଆଧାରରେ ଯୁଗ୍ମ ନିର୍ଦ୍ଦେଶକଙ୍କ ଦୁଇଟି ପଦବୀ ପାଇଁ କେବଳ 13 ଜଣ ଅଧିକାରୀ ବିଚାର ପାଇଁ ଯୋଗ୍ୟ ବୋଲି ଜଣାପଡିଥିଲେ । ଉତ୍ତରଦାତା ସଂଖ୍ୟା 1 ବିଚାର କ୍ଷେତ୍ର ମଧ୍ୟରେ ଅସୁନଥିଲେ ଏବଂ ତେଣୁ, ସେ ଅଭିଯୋଗ କରିବାକୁ ହକଦାର ନୁହନ୍ତି ଯେ ତାଙ୍କ ମାମଲା ବିଚାର କରାଯାଇ ନାହିଁ । 1979 ମସିହା ଜୁନ୍ 15 ତାରିଖରେ ଅନୁଷ୍ଠିତ ପରବର୍ତ୍ତୀ ବିଭାଗୀୟ ପଦୋନ୍ନତି କମିଟି ବୈଠକରେ ଏଥିରେ କୌଣସି ସନ୍ଦେହ ନାହିଁ ଯେ ଉତ୍ତରଦାତା ସଂଖ୍ୟା 1 ବିଚାର କ୍ଷେତ୍ର ମଧ୍ୟରେ ଥିଲା ଏବଂ ତାଙ୍କ ମାମଲା ବିଭାଗୀୟ ପଦୋନ୍ନତି କମିଟି ଦ୍ୱାରା ବିଚାର କରାଯାଇଥିଲା କିନ୍ତୁ ପ୍ରାରମ୍ଭିକ ପାହ୍ୟାରେ 3 ବର୍ଷର ସେବାର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏବଂ ଉତ୍ତରଦାତା ସଂଖ୍ୟା 1 ଉକ୍ତ ମାନଦଣ୍ଡକୁ ପୂରଣ ନକରିବା ପରେ, ଶେଷରେ ତାଙ୍କୁ ପଦୋନ୍ନତି ଦିଆଯାଇ ନଥିଲା । ଯେତେବେଳେ ପରବର୍ତ୍ତୀ ବିଭାଗୀୟ ପଦୋନ୍ନତି କମିଟିର ବୈଠକ  26.8.1981 ରେ ଅନୁଷ୍ଠିତ ହୋଇଥିଲା ସେତେବେଳେ ଉତ୍ତରଦାତା ସଂଖ୍ୟା 1 ଆଉ ବିବେଚିତ ହେବା ପାଇଁ ଉପଲବ୍ଧ ନଥିଲେ କାରଣ ସେ 30.11.1980 ରେ ଅବସର ନେଇଥିଲେ । ମାମଲାର ଏହି ପ୍ରସଙ୍ଗରେ ଆମର ଏହି ଉପସଂହାର ପହଞ୍ଚିବାରେ କୌଣସି ଦ୍ୱିଧା ନାହିଁ ଯେ ନ୍ୟାୟାଧିକରଣ ଉତ୍ତରଦାତା ସଂଖ୍ୟା 1ଙ୍କ ପଦୋନ୍ନତି ପ୍ରଶ୍ନର ପୁନର୍ବିଚାର ପାଇଁ ନିର୍ଦ୍ଦେଶ ଦେଇ ଭୁଲ କରିଥିଲେ ।  ଆମର ଉପସଂହାରକୁ ଦୃଷ୍ଟିରେ ରଖି ଯେ କୃଷି ବିଭାଗର ଯୁଗ୍ମ ନିର୍ଦ୍ଦେଶକ ପଦବୀକୁ ପଦୋନ୍ନତି ପାଇଁ ଉତ୍ତରଦାତା ସଂଖ୍ୟା 1ଙ୍କ ଆବେଦନକୁ ନିୟମ ଏବଂ ପଦୋନ୍ନତିର ମାନଦଣ୍ଡ ସହିତ ପ୍ରାରମ୍ଭିକ ପାହ୍ୟାରେ ତାଙ୍କର ବରିଷ୍ଠତା ଅନୁଯାୟୀ ବିଚାର କରାଯାଇଛି ଏବଂ ସେ ବିଚାର କ୍ଷେତ୍ର ମଧ୍ୟରେ ନ ଥିବାରୁ କିମ୍ବା ପ୍ରାରମ୍ଭିକ ପାହ୍ୟାରେ 3 ବର୍ଷର ନିରନ୍ତର ସେବା ମାନଦଣ୍ଡ ପୂରଣ କରିନଥିବାରୁ ତାଙ୍କୁ ଚୟନ କରାଯାଇ ନାହିଁ ଏବଂ ଏହାଦ୍ୱାରା ସମ୍ବିଧାନର ଅନୁଚ୍ଛେଦ 16 ଅନୁଯାୟୀ ନିଶ୍ଚିତ କରାଯାଇଥିବା ସାମ୍ବିଧାନିକ ଅଧିକାରର କୌଣସି ଉଲ୍ଲଂଘନ ହୋଇନାହିଁ ।

ତଦନୁସାରେ ଆମେ ନ୍ୟାୟାଧିକରଣଙ୍କର ବିବାଦୀୟ ନିର୍ଦ୍ଦେଶକୁ ବାତିଲ କରି ଏହି ଆବେଦନକୁ ଅନୁମତି ପ୍ରଦାନ କରୁଛୁ । ଟି. ଏ. ସଂଖ୍ୟା 333/1986 ଖାରଜ କରାଗଲା କିନ୍ତୁ ଏପରି ପରିସ୍ଥିତିରେ ଖର୍ଚ୍ଚ ବିଷୟରେ କୌଣସି ଆଦେଶ ରହିବ ନାହିଁ ।

ଭି. ଏସ୍. ଏସ୍. ଆବେଦନକୁ ଅନୁମତି ଦିଆଯାଇଛି ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଭାଷାନ୍ତର :
ମଦନ ମୋହନ ଭୂୟାଁ
ଅନୁବାଦକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।